
# ସତ୍ୟବାଣୀ

# THE WORD OF TRUTH



## MARCH & APRIL - 2008

An Oriya Bimonthly Bulletin
Published by the Church of Christ

# THE VOICE OF TRUTH

Edited & Published By
Joshua & Kabita Gootam.

## CHURCH OF CHRIST

P.O. Box.No. 80, Kakinada
A.P. - 533 001.
Ph : 0884 - 2363722.

VOL.13 March & April...2008 (No.2)

Published every two months in Oriya language for the Restoration of pure New Testament Christianity

Watch SATYA VANI Programme on **T.V.-5** Channel
Every Saturday at 6:30 a.m in Telugu Language.

**Speakers : Joshua Gootam & Ricky Gootam**

Write for free Bible Correspondence course in Telugu & Oriya to:

The Director
Bible Correspondence Course
P.O. Box.80, KAKINADA - 533 001.

# ସତ୍ୟବାଣୀ

# VOICE OF TRUTH

VOL - XIII KAKINADA MAR-APR 2008


## ଆରାଧନାର ଅର୍ଥ

### (The meaning of worship)

ଆରାଧନା ପଦର ଅର୍ଥ ସେବା କରିବା, ପ୍ରଶଂସା କରିବା, ମହିମାନ୍ୱିତ କରିବା ଓ ସମ୍ମାନିତ କରିବା । ଏକ ବ୍ୟକ୍ତି ଆପଣା ଠାରୁ ଅଧିକତର ମହାନ ବ୍ୟକ୍ତିତ୍ୱର ଆରାଧନା କରେ । ଏ ବିଷୟ ଆଉ କିଛି ବିଶ୍ଳେଷଣ କରି ଦେଖିବା :-

**୧) ସେବା ପରିଚର୍ଯ୍ୟା ଦ୍ୱାରା ଆରାଧନା :-**

ଏପରି ସ୍ଥଳେ ସେବାର ଅର୍ଥ ପରିଚର୍ଯ୍ୟା, ଆଜ୍ଞାବହ ହେବା, କାର୍ଯ୍ୟ କରିବା, ଉପାସନା କରିବା । ପରମେଶ୍ୱରଙ୍କ ସନ୍ତାନମାନେ ତାହାଙ୍କ ସେବକ ଓ ସେ ପ୍ରଭୁ ଅଟନ୍ତି ବୋଲି ବାକ୍ୟ ଆମ୍ଭମାନଙ୍କୁ କହେ । ପାଉଲ ଆପଣାକୁ ପରମେଶ୍ୱରଙ୍କ ଏକ ସେବକ ବା ପରିଚାର୍ଯ୍ୟକ ରୂପେ ଉପସ୍ଥାପନା କରନ୍ତି । ପାଉଲ ଆପଣା ବିଷୟରେ କହନ୍ତି,"ପାଉଲ, ଖ୍ରୀଷ୍ଟ ଯୀଶୁଙ୍କ ଦାସ ଓ ଆହୂତ ଜଣେ ପ୍ରେରିତ, ପୁଣି ଈଶ୍ୱର ଆପଣା ପୁତ୍ର ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ସମ୍ବନ୍ଧରେ ନିଜର ଯେଉଁ ସୁସମାଚାର ଧର୍ମଶାସ୍ତ୍ରରେ ଆପଣା ଭାବବାଦୀମାନଙ୍କ ଦ୍ୱାରା ପୂର୍ବରେ ପ୍ରତିଜ୍ଞା କରିଥିଲେ, ସେହି ସୁସମାଚାର ନିମନ୍ତେ ପୃଥକୀକୃତ ।" (ରୋମୀୟ ୧:୧) ୨ ପିତର ଓ ଯାକୁବ ଆପଣା ବିଷୟରେ ସମଭାବ ୧ମ ପିତର ୧:୧ ଓ ଯାକୁବ ୧:୧ ପଦରେ ପ୍ରକାଶ କରିଅଛନ୍ତି । ଏହାର ଅର୍ଥ କଅଣ ? ସେମାନେ ଆପଣାର ସର୍ବସ୍ୱ ଦେଇ ପରମେଶ୍ୱରଙ୍କ ସେବା କରୁଥିଲେ । ଆମ୍ଭେମାନେ ମଧ୍ୟ ସେମାନଙ୍କ ସଦୃଶ୍ୟ ସଦାପ୍ରଭୁ ପରମେଶ୍ୱରଙ୍କ ସେବା ପରିଚର୍ଯ୍ୟା କରୁ । "କିନ୍ତୁ ଏବେ ପାପର ଅଧୀନତାରୁ ମୁକ୍ତି ହୋଇ ଈଶ୍ୱରଙ୍କ ଦାସ ହେବାକୁ ତୁମ୍ଭେମାନେ ପବିତ୍ରତା ଉଦ୍ଦେଶ୍ୟରେ ଫଳ ପାଇଅଛ, ଆଉ ଏଥିର ପରିମାଣ ଅନନ୍ତ ଜୀବନ ।" (ରୋମୀୟ ୬:୨୨)

ସଦାପ୍ରଭୁ ଆମ୍ଭମାନଙ୍କ ନିକଟରୁ କେଉଁ ପ୍ରକାର ସେବା ଆଶା କରନ୍ତି, ସେ ବିଷୟରେ ପାଉଲ କହନ୍ତି, "ସମ୍ପୂର୍ଣ୍ଣ ନମ୍ର ମନରେ ଅଶ୍ରୁପାତ ସହିତ ଯିହୂଦୀମାନଙ୍କର ନାନା ଷଡ଼ଯନ୍ତ୍ର ହେତୁ, ମୋତେ ଯେ ଯେ ପରୀକ୍ଷା ପରୀକ୍ଷା ଘଟୁଥିଲା, ସେହିସବୁ ମଧ୍ୟରେ କିପରି ପ୍ରଭୁଙ୍କ ସେବା କରୁଥିଲି......" (ପ୍ରେରିତ ୨୦:୧୯) । "ଏଣୁ ତୁମ୍ଭମାନଙ୍କର ଉତ୍ତମ ବିଷୟ ନିନ୍ଦିତ ନ ହେଉ । କାରଣ ଈଶ୍ୱରଙ୍କ ରାଜ୍ୟ ଭୋଜନପାନ ନୁହେଁ, କିନ୍ତୁ ଧାର୍ମିକତା, ଶାନ୍ତି ଓ ପବିତ୍ର ଆତ୍ମାଙ୍କ ଠାରେ ଆନନ୍ଦ ଅଟେ । ଯେଣୁ ଯେ ଏହି ବିଷୟରେ ଖ୍ରୀଷ୍ଟଙ୍କର ସେବା କରେ, ସେ ଈଶ୍ୱରଙ୍କ ନିକଟରେ ସୁଗ୍ରାହ୍ୟ ଓ ମନୁଷ୍ୟମାନଙ୍କ ନିକଟରେ ପରୀକ୍ଷାସିଦ୍ଧ ହୁଏ । ଅତଏବ ଆସ ଯେ ଯେ ବିଷୟ ଶାନ୍ତିଜନକ, ଆଉ ଯେ ଯେ ବିଷୟ ଦ୍ୱାରା ପରସ୍ପରର ନିଷ୍ଠା ହୁଏ, ସେହିସବୁର ଆମ୍ଭେମାନେ ଅନୁଗମନ କରୁ ।" (ରୋମୀୟ ୧୪:୧୬-୧୯) "ଉଦ୍‌ଯୋଗରେ ଶିଥିଳ ହୁଅ ନାହିଁ, ଆତ୍ମାରେ ଉତ୍ତପ୍ତ ହୁଅ ।" (ରୋମୀୟ ୧୨:୧୧)

ଆମ୍ଭମାନଙ୍କ ଉପାସନା ବିଷୟରେ ପାଉଲ କହନ୍ତି,"ଅତଏବ, ହେ ଭାଇମାନେ, ମୁଁ ତୁମ୍ଭମାନଙ୍କୁ ଈଶ୍ୱରଙ୍କ ଦୟା ହେତୁ ବିନୀତ କରୁଅଛି, ତୁମ୍ଭେମାନେ ଆପଣା ଆପଣା ଶରୀରକୁ ସଜୀବ, ପବିତ୍ର ଓ ଈଶ୍ୱରଙ୍କ ସୁଗ୍ରାହ୍ୟ ବଳିରୂପେ ଉତ୍ସର୍ଗ କର, ଏହା ତ ତୁମ୍ଭମାନଙ୍କର ଯୁକ୍ତିଯୁକ୍ତ ଉପାସନା ।" (ରୋମୀୟ ୧୨:୧) "ଏହା ଜାଣି ମନୁଷ୍ୟର ସେବା କଲା ପରି ନୁହେଁ, ମାତ୍ର ପ୍ରଭୁଙ୍କ ସେବା କଲା ପରି ସ୍ୱଚ୍ଛନ୍ଦରେ ସେବା କର ।" (ଏଫିସୀ ୬:୮) ପ୍ରଭୁଯୀଶୁ ଥୁଆତୀରା, ମଣ୍ଡଳୀକୁ ଲେଖନ୍ତି,"ଆମ୍ଭେ ତୁମ୍ଭର କର୍ମ, ପ୍ରେମ, ବିଶ୍ୱାସ, ସେବା ଓ ଧୈର୍ଯ୍ୟ ଜାଣୁ, ପୁଣି ତୁମ୍ଭର ବର୍ତ୍ତମାନ କର୍ମ ତୁମ୍ଭର ପୂର୍ବ କର୍ମଗୁଡ଼ିକ ଅପେକ୍ଷା ଯେ ଅଧିକ, ଏହା ମଧ୍ୟ ଜାଣୁ ।" (ପ୍ରକାଶିତ ୨:୧୯)

## ୨) ପ୍ରଶଂସା କରି ତାହାଙ୍କ ଆରାଧନା କରିବା :

ପାଉଲ ଓ ଶୀଲା କାରାଗାରରେ ବନ୍ଦୀ ଅବସ୍ଥାରେ ଅଧାରାତ୍ରରେ ପାଉଲ ଓ ଶୀଲା ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ଓ ସ୍ତବଗାନ କରୁଥିଲେ, ଆଉ ବନ୍ଦୀମାନେ ଶୁଣୁଥିଲେ ।" (ପ୍ରେରିତ ୧୬:୨୫) ସଦାପ୍ରଭୁ ଆମ୍ଭମାନଙ୍କୁ ଅପାର ପ୍ରେମ କରି, ବିପୁଳଭାବେ ଆଶୀର୍ବାଦ କରିଥିବାରୁ ଆମ୍ଭେମାନେ ତାହାଙ୍କ ପ୍ରଶଂସା କରୁ । "ଯେପରି ଖ୍ରୀଷ୍ଟଙ୍କ ଠାରେ ପୂର୍ବରୁ ଭରସା କରିଥିଲୁ ଯେ ଆମ୍ଭେମାନେ, ଖ୍ରୀଷ୍ଟଙ୍କ ଠାରେ ପୂର୍ବରୁ ଭରସା କରିଥିଲୁ ଯେ ଆମ୍ଭେମାନେ, ଆମ୍ଭେମାନେ ଈଶ୍ୱରଙ୍କ ଗୌରବର ପ୍ରଶଂସାର

କାରଣ ହେଉ, (ଏଫିସୀ ୧:୧୨) ଏବ୍ରୀ ପୁସ୍ତକକର୍ତ୍ତା କହନ୍ତି,"ଏଣୁ ଆସ, ତାହାଙ୍କ ଦ୍ୱାରା ଆମ୍ଭେମାନେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ପ୍ରଶଂସାରୂପ ବଳି, ଅର୍ଥାତ୍ ତାହାଙ୍କ ନାମ ସ୍ୱୀକାର କରି ଓଷ୍ଠାଧାରର ଫଳ ନିତ୍ୟ ଉତ୍ସର୍ଗ କରୁ ।" (ଏବ୍ରୀ ୧୩:୧୫) ସପ୍ତାହର ପ୍ରଥମ ଦିନରେ ପ୍ରତ୍ୟେକ ଖ୍ରୀଷ୍ଟିୟାନ ରୁଣ୍ଡ ହୋଇ ଧ୍ୟାନ ଦେଇ ତାହାଙ୍କୁ ଆରାଧନା କରୁ ।

## ୩) ତାହାଙ୍କୁ ଗୌରବାନ୍ୱିତ କରି ତାହାଙ୍କ ଆରାଧନା କରୁ :

ଖ୍ରୀଷ୍ଟ କହିଲେ,".....ମାତ୍ର ସମସ୍ତେ ପିତାଙ୍କୁ ଯେଉଁ ପ୍ରକାରେ ସମାଦର କରନ୍ତି, ସେହି ପ୍ରକାରେ ପୁତ୍ରଙ୍କୁ ମଧ୍ୟ ଯେପରି ସମାଦର କରିବେ, ସେଥି ନିମନ୍ତେ ପୁତ୍ରଙ୍କୁ ସମସ୍ତ ବିଚାର କରିବାର ଅଧିକାର ଦେଇଅଛନ୍ତି । ଯେ ପୁତ୍ରଙ୍କୁ ସମାଦର କରେ ନାହିଁ, ସେ ତାହାଙ୍କର ପ୍ରେରଣକର୍ତ୍ତା ପିତାଙ୍କୁ ମଧ୍ୟ ସମାଦର କରେ ନାହିଁ ।" (ଯୋହନ ୫:୨୨-୨୩) ପ୍ରେରିତ ପାଉଲ ତୀମଥିଙ୍କୁ ଲେଖନ୍ତି,"ଅକ୍ଷୟ, ଅଦୃଶ୍ୟ, ଅଦ୍ୱିତୀୟ ଈଶ୍ୱର ଯେ ଅନନ୍ତକାଳୀନ ରାଜା, ତାହାଙ୍କ ସମ୍ଭ୍ରମ ଓ ଗୌରବ ଯୁଗେ ଯୁଗେ ହେଉ । ଆମେନ୍ !" (୧ମ ତୀମଥି ୧:୧୭) ପରମେଶ୍ୱର ଆମ୍ଭମାନଙ୍କୁ ଯେ କି ପରିତ୍ରାଣ ଦେଇଅଛନ୍ତି, ଆଶୀର୍ବାଦ କରିଅଛନ୍ତି, ଉତ୍ତମ ଜୀବନର ଭରସା ଦେଇଅଛନ୍ତି, ସେ ହିଁ ସମସ୍ତ ଗୌରବର ଅଧିକାରୀ ଅଟନ୍ତି ।

## ୪) ତାହାଙ୍କୁ ମହିମାନ୍ୱିତ କରି ତାହାଙ୍କ ଆରାଧନା କରୁ :

ମହିମାନ୍ୱିତ କରିବାର ଅର୍ଥ ସମ୍ମାନିତ କରିବା, ଗୌରବାନ୍ୱିତ କରିବା, ପ୍ରଶଂସା କରିବା । ଏ ବିଷୟରେ ପ୍ରେରିତ ପାଉଲ ରୋମୀୟ ମଣ୍ଡଳୀକୁ କହନ୍ତି, "ଯେପରି ଏକ ଚିତ୍ତରେ, ଏକ ମୁଖରେ ତୁମ୍ଭେମାନେ ଈଶ୍ୱରଙ୍କ ଓ ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ପିତାଙ୍କର ଗୌରବ କର ।" (ରୋମୀୟ ୧୫:୬) "କାରଣ ତୁମ୍ଭେମାନେ ବିଶେଷ ମୂଲ୍ୟରେ କିଣାଯାଇଅଛ, ଏଣୁ ତୁମ୍ଭମାନଙ୍କ ଶରୀରରେ ଈଶ୍ୱରଙ୍କ ଗୌରବ ପ୍ରକାଶ କର ।" (୧ମ କରିନ୍ଥୀ ୬:୨୦) "କିନ୍ତୁ କେହି ଯଦି ଖ୍ରୀଷ୍ଟିୟାନ ହେବାରୁ ଦଣ୍ଡ ଭୋଗ କରେ, ତାହାହେଲେ ସେ ଲଜ୍ଜାବୋଧ ନ କରୁ, ବରଂ ସେହି ନାମ ହେତୁରୁ ଈଶ୍ୱରଙ୍କ ମହିମା କୀର୍ତ୍ତନ କରୁ ।" (୧ମ ପିତର ୪:୧୬)

ଆମ୍ଭେମାନେ ଆପଣା ଗୌରବ ନ ଖୋଜି, ସମସ୍ତ ଗୌରବ, ମହିମା, ପ୍ରଶଂସା ତାହାଙ୍କୁ ଦେଉଁ । ତାହାଙ୍କ ସହିତ ତୁଳନା କଲେ ଆମ୍ଭେମାନେ ଧୂଳି ସଦୃଶ୍ୟ । ସପ୍ତାହର

ପ୍ରଥମ ଦିନରେ ପ୍ରତ୍ୟେକ ଖ୍ରୀଷ୍ଟିୟାନ ରୁଣ୍ଡ ହୋଇ ମନଧ୍ୟାନ ଦେଇ ତାହାଙ୍କୁ ଆରାଧନା କରୁ ।

## ୫) ତାହାଙ୍କୁ ସମ୍ମାନିତ କରି ତାହାଙ୍କ ଉପାସନା କରୁ :

ସଦାପ୍ରଭୁ ଆମ୍ଭର ସୃଷ୍ଟିକର୍ତ୍ତା ଓ ଯୀଶୁଖ୍ରୀଷ୍ଟ ଆମ୍ଭର ତ୍ରାଣକର୍ତ୍ତା, ଆମ୍ଭେମାନେ ତାହାଙ୍କୁ ସମ୍ମାନ ଦେଉ, ତାହାଙ୍କ ଆଜ୍ଞାବହ ହେଉ । ଅନେକ ଶତାବ୍ଦୀ ପୂର୍ବେ ମହାରାଜା ଦାଉଦ କହିଥିଲେ,"ତାହାଙ୍କ ନାମ ପବିତ୍ର ଓ ଆଦରଣୀୟ ।" (ଗୀତ ୧୧୧:୯) ଏବ୍ରୀ ପୁସ୍ତକକର୍ତ୍ତା ଆମ୍ଭମାନଙ୍କୁ କହନ୍ତି,"ଅତଏବ, ଅଟଳ ରାଜ୍ୟ ପ୍ରାପ୍ତ ହେବାରୁ ଆସ, ଆମ୍ଭେମାନେ କୃତଜ୍ଞ ହୋଇ ଭୟ ଓ ଭକ୍ତି ସହକାରେ ଈଶ୍ୱରଙ୍କ ସନ୍ତୋଷଜନକ ଉପାସନା କରୁ ।" (ଏବ୍ରୀ ୧୨:୨୮)

ପ୍ରେମରେ ପରମେଶ୍ୱରଙ୍କ ଆଜ୍ଞାବହ ହୋଇ, ପ୍ରଶଂସାରୂପ ହୃଦୟ ତାହାଙ୍କ ଚରଣରେ ଢ଼ାଳି ତାହାଙ୍କୁ ଉପାସନା କରୁ । ଯେପରି ପ୍ରେରିତ ପାଉଲ କହନ୍ତି,"ଆଉ, ବାକ୍ୟ କି କର୍ମରେ ତୁମ୍ଭେମାନେ ଯାହା କିଛି କର, ସେ ସମସ୍ତ ପ୍ରଭୁ ଯୀଶୁଙ୍କ ନାମରେ କରି ତାହାଙ୍କ ଦ୍ୱାରା ପିତା ଈଶ୍ୱରଙ୍କୁ ଧନ୍ୟବାଦ ଦିଅ ।" (କଲସୀ ୩:୧୭)

ଅନେକ ଅଭ୍ୟାସଗତ ଭାବେ ମଣ୍ଡଳୀ ଉପାସନାରେ ଯୋଗ ଦିଅନ୍ତି । ଆହୁରି କେତେକ ଅନ୍ୟମାନଙ୍କୁ ଖୁସି କରିବା ନିମନ୍ତେ ଉପାସନାକୁ ଯାଆନ୍ତି, କିନ୍ତୁ ପ୍ରକୃତରେ ପରମେଶ୍ୱରଙ୍କ ତୁଷ୍ଟଜନକ ଆରାଧନା କରନ୍ତି ନାହିଁ ।

ଆସ, ଆମ୍ଭେମାନେ ଶୁଦ୍ଧ ହୃଦୟରେ, ପ୍ରଶଂସାପୂର୍ଣ୍ଣ ହୃଦୟ ସହ ପରମେଶ୍ୱରଙ୍କ ନିକଟକୁ ଯାଉ । ସେ ହିଁ ରାଜାମାନଙ୍କ ରାଜା, ସର୍ବଶକ୍ତିମାନ ପରମେଶ୍ୱର । ତାହାଙ୍କ ନାମ ଧନ୍ୟ ହେଉ । ଆମ୍ଭମାନଙ୍କ ଉପାସନା ତାହାଙ୍କ ଦୃଷ୍ଟିରେ ସନ୍ତୋଷଜନକ ଓ ଗ୍ରାହ୍ୟଜନକ ହେଉ ।

*- J.C. Choate*

❋❋❋

# ନାରୀ
## (Woman)

ଆଦ୍ୟରେ ପରମେଶ୍ୱର ଆକାଶ ଓ ତନ୍ମଧ୍ୟସ୍ଥିତ ସମସ୍ତ ଭୂମି ଓ ତନ୍ମଧ୍ୟସ୍ଥିତ ସମସ୍ତ ଛଅ ଦିନରେ ସୃଷ୍ଟି କଲେ । ସୃଷ୍ଟି ସମସ୍ତ ତାହାଙ୍କ ଦୃଷ୍ଟିରେ ଉତ୍ତମ ଥିଲା । କିନ୍ତୁ ସେ କହିଲେ,"........ମନୁଷ୍ୟ ଏକାକୀ ଥିବା ଭଲ ନୁହେଁ, ଆମ୍ଭେ ତାହା ନିମନ୍ତେ ତାହାର ଅନୁରୂପ ସହକାରିଣୀ ନିର୍ମାଣ କରିବା ।" (ଆଦି ୨:୧୮) ପରମେଶ୍ୱର ଆଦମଙ୍କୁ ଘୋର ନିଦ୍ରାଗ୍ରସ୍ତ କରାଇ ସେହି ନିଦ୍ରା ସମୟରେ ତାଙ୍କର ଖଣ୍ଡେ ପଞ୍ଜର ନେଇ ନାରୀକୁ ନିର୍ମାଣ କଲେ । ନାରୀକୁ ଦେଖି ଆଦମ କହିଲେ,"ଏ ମୋହର ଅସ୍ଥିର ଅସ୍ଥି ଓ ମାଂସର ମାଂସ, ଏହାର ନାମ ନାରୀ, ଯେହେତୁ ଏ ନରଠାରୁ ନୀତା ହୋଇଅଛି ।" (ଆଦି ୨:୨୩) । ମନୁଷ୍ୟର ନିଃସଙ୍ଗତା ଦୂର କରିବା ନିମନ୍ତେ ସଦାପ୍ରଭୁ ନାରୀକୁ ସୃଷ୍ଟି କରିଥିଲେ । ଜ୍ଞାନୀ ଶଲୋମନ କହନ୍ତି,"ଗୃହ ଓ ଧନ ପିତୃଲୋକଙ୍କ ଠାରୁ ପ୍ରାପ୍ତ ଅଧିକାର ମାତ୍ର ବୁଦ୍ଧିମତୀ ଭାର୍ଯ୍ୟା ସଦାପଭୁଙ୍କ ଠାରୁ ପ୍ରାପ୍ତ ହୁଅଇ ।"

ଉତ୍ତମ ନାରୀ ଗୃହରେ ସନ୍ତୋଷ ଆଣେ କିନ୍ତୁ ବୁଦ୍ଧିହୀନ ନାରୀ ଗୃହର ଅଶାନ୍ତିର କାରଣ ଅଟେ । ସଦାପ୍ରଭୁ ନାରୀକୁ ଏକ ବିଶେଷ କାର୍ଯ୍ୟ ନିମନ୍ତେ ସୃଷ୍ଟି କରିଅଛନ୍ତି । ନାରୀ ଆପଣା କର୍ତ୍ତବ୍ୟ ନିର୍ବାହ କରିବା ଦ୍ୱାରା ଗୃହ ଓ ପରିବାରରେ ସୁଖ ଓ ଶାନ୍ତି ରହେ । ନାରୀ ଆପଣା କର୍ତ୍ତବ୍ୟରେ ଅବହେଳା କଲେ ସେ ପରିବାର ଭଗ୍ନ ହୋଇଯାଏ । ନାରୀମାନଙ୍କୁ ଭାର୍ଯ୍ୟା, ମାତା, ଭଗ୍ନୀ, ଗୃହିଣୀ ପ୍ରଭୃତି କର୍ତ୍ତବ୍ୟ ଦିଆଯାଇଅଛି । ଏଥିସଙ୍ଗେ ନାରୀମାନଙ୍କୁ ମଣ୍ଡଳୀରେ ସୁଦ୍ଧା କେତୋଟି କାର୍ଯ୍ୟଭାର ରହିଅଛି । ନାରୀମାନଙ୍କ ବିଷୟରେ ପାଉଲ, ତିତସଙ୍କୁ କହନ୍ତି, "ଈଶ୍ୱରଙ୍କ ବାକ୍ୟ ଯେପରି ନିନ୍ଦିତ ନହୁଏ, ଏଥି ନିମନ୍ତେ ସେମାନେ ଯୁବତୀମାନଙ୍କୁ ପତିବ୍ରତା, ସନ୍ତାନ ବତ୍ସଳା, ସୁବୁଦ୍ଧି, ସତୀ, ସୁଗୃହିଣୀ, ସୁଶୀଳା ଓ ଆପଣା ଆପଣା ସ୍ୱାମୀର ବଶୀଭୂତା ହେବାକୁ ଶିକ୍ଷା ଦିଅନ୍ତୁ । (ତିତସ ୨:୪-୫) । ଖ୍ରୀଷ୍ଟିୟାନ ସ୍ତ୍ରୀମାନଙ୍କ ବିଷୟରେ ପାଉଲ, ତୀମଥିଙ୍କୁ ଲେଖନ୍ତି,"ସେହି ପ୍ରକାରେ ମଧ୍ୟ ସ୍ତ୍ରୀମାନେ କେଶବିନ୍ୟାସ ଏବଂ ସୁବର୍ଣ୍ଣ କି ମୁକ୍ତା କି ମୂଲ୍ୟବାନ ସୁବୁଦ୍ଧି ସହକାରେ ପରିପାଟୀ ପରିଚ୍ଛଦ ପିନ୍ଧି ଧର୍ମପରାୟଣା ସ୍ତ୍ରୀମାନଙ୍କ ଉପଯୋଗୀ ସତ୍‌କର୍ମ ରୂପ୍ ଭୂଷଣରେ ଆପଣା ଆପଣାକୁ ଭୂଷିତା କରନ୍ତୁ ।" (୧ମ ତୀମଥି ୨:୯-୧୦) ପ୍ରେରିତ ପିତର ମଧ୍ୟ ଆମ୍ଭମାନଙ୍କୁ ସେହିପରି ଆଦେଶ ଦେଇଅଛନ୍ତି, "ହୃଦୟର ଯେଉଁ

କୋମଳ ଓ ଶାନ୍ତିଯୁକ୍ତ ଗୁପ୍ତ ସ୍ୱଭାବ ଈଶ୍ୱରଙ୍କ ସୃଷ୍ଟିରେ ବହୁମୂଲ୍ୟ, ତାହାହିଁ ତୁମ୍ଭମାନଙ୍କର ଅକ୍ଷୟ ଭୂଷଣ ହେଉ ।'' (୧ମ ପିତର ୩:୪) । ଏପରି ସ୍ୱଭାବଯୁକ୍ତ ନାରୀର ପରିବାର କେତେ ସୁଖୀ !

ଯଦ୍ୟପି ନାରୀଙ୍କୁ ଗୃହକାର୍ଯ୍ୟ ଦିଆଯାଇଛି, ତଥାପି ପରମେଶ୍ୱରଙ୍କ କାର୍ଯ୍ୟରେ ଅବହେଳା ନ କରିବା ନିମନ୍ତେ ଆଜ୍ଞାପିତ ହୋଇଅଛୁ । ଯୀଶୁଖ୍ରୀଷ୍ଟଙ୍କ ପରିଚର୍ଯ୍ୟାରେ ବ୍ୟସ୍ତ ମାର୍ଥାଙ୍କୁ, ତାହାଙ୍କ ପାଦତଳେ ବସି ଶିକ୍ଷା ଶୁଣୁଥିବା ମରିୟମ୍ ବିଷୟରେ ସେ କହିଲେ, "କିନ୍ତୁ ଅଳ୍ପ କେତୋଟି, ବରଂ ଗୋଟିଏ ମାତ୍ର ପ୍ରୟୋଜନ, ମରିୟମ୍ ତ ଉତ୍ତମ ଭାଗ ମନୋନୀତ କରିଅଛି, ଆଉ ତାହା ତାହାଠାରୁ ହରଣ କରାଯିବ ନାହିଁ ।'' (ଲୂକ ୧୦:୪୧,୪୨)

ଶିଶୁମାନଙ୍କ ଲାଳନ ପାଳନର ଭାର ମଧ୍ୟ ନାରୀମାନଙ୍କ ଉପରେ ନ୍ୟସ୍ତ କରାଯାଇଅଛି । ଶିଶୁମାନଙ୍କ ଶାରୀରିକ, ମାନସିକ ଓ ଆତ୍ମିକ ଅଭିବୃଦ୍ଧି ନିମନ୍ତେ ମାତାମାନେ ଦାୟୀ ଅଟନ୍ତି । ଜ୍ଞାନୀ ଶଲୋମନ କହନ୍ତି, ''ବାଳକର ଗନ୍ତବ୍ୟ ପଥରେ ତାହାକୁ ଶିକ୍ଷିତ କରାଅ, ତେଣୁ ସେ ବୃଦ୍ଧ ହେଲେ ହେଁ ତହିଁରୁ ବିମୁଖ ହେବେ ନାହିଁ ।'' (ହିତ ୨୨:୬) ସନ୍ତାନ ସନ୍ତତିମାନଙ୍କୁ ମାତାମାନେ ଶିଶୁ ସମୟରୁ ଉତ୍ତମ ଅଭ୍ୟାସ, ଶୃଙ୍ଖଳା ଶିକ୍ଷା ଦେବା ଆବଶ୍ୟକ । (୧ମ ତୀମଥି ୪:୭) । ବାଇବଲ ଅଧ୍ୟୟନ, ମଣ୍ଡଳୀର ଆରାଧନାରେ ନିୟମିତ ଭାବେ ସନ୍ତାନସନ୍ତତିମାନେ ଶିକ୍ଷା କରନ୍ତି । ଇଶ୍ରାଏଲ୍‌ର ନେତା ମୋଶା ଭାବବାଦୀ ଶାମୂଏଲ୍ ପ୍ରଭୃତି ନେତାମାନଙ୍କ ଜୀବନରେ ସେମାନଙ୍କ ମାତାମାନଙ୍କ ପ୍ରଭାବ ପ୍ରଶଂସନୀୟ । ମାତାଙ୍କ ସ୍ନେହ, ଯତ୍ନ, ପ୍ରଭାବ ପ୍ରତ୍ୟେକ ମନୁଷ୍ୟ ଆବଶ୍ୟକ କରେ ।

ଉତ୍ତମ ସମାଜ ଉତ୍ତମ ପରିବାର ଦ୍ୱାରା ଗଠିତ । ଉତ୍ତମ ମଣ୍ଡଳୀ ଉତ୍ତମ ଖ୍ରୀଷ୍ଟୀୟ ପରିବାର ଉପରେ ନିର୍ଭର କରେ । ଉତ୍ତମ ଖ୍ରୀଷ୍ଟିୟାନ ପରିବାର ଉତ୍ତମ ଖ୍ରୀଷ୍ଟିୟାନ ମାତାମାନଙ୍କ ଉପରେ ନିର୍ଭର କରେ । ଯୀଶୁ ଏ ଜଗତରେ ଥିବା ସମୟରେ ଅନେକ ସ୍ତ୍ରୀମାନେ, ଯୀଶୁ ଓ ତାହାଙ୍କ ଶିଷ୍ୟମାନଙ୍କ ପରିଚର୍ଯ୍ୟା କରୁଥିଲେ । ସେମାନଙ୍କ ମଧ୍ୟରେ ମରିୟମ୍, ତାହାଙ୍କ ଭଗ୍ନୀ ମାର୍ଥା, ମଗଦଲୀନ ମରିୟମ୍, ଖୁଜାଙ୍କ ଭାର୍ଯ୍ୟା ଯୋହନା, ଶୋଶନ୍ନା ଅନ୍ୟତମ ।

ଅନେକ ସ୍ତ୍ରୀମାନଙ୍କ ସେବା ପରିଚର୍ଯ୍ୟା ବିଷୟରେ ପ୍ରେରିତମାନଙ୍କ

କାର୍ଯ୍ୟାବଳୀର ପୁସ୍ତକରେ ପଢ଼ିଥାଉ । ଉପର କୋଠରୀରେ ୧୨୦ ଜଣଙ୍କ ସହିତ କେତେକ ସ୍ତ୍ରୀ ପ୍ରାର୍ଥନାରେ ସହଯୋଗୀ ଥିଲେ । ପ୍ରେରିତ ପିତରଙ୍କୁ ଶିମୋନ ଗୃହରେ ସ୍ତ୍ରୀମାନେ ପରିଚର୍ଯ୍ୟା କରିଥିଲେ । ଦର୍କା ବିଧବା ସ୍ତ୍ରୀମାନଙ୍କୁ ଅନେକଭାବେ ସାହାଯ୍ୟ କରିଥିଲେ । ଲୁଦିଆ କିପରି ପାଉଲଓ ଶୀଲାଙ୍କ ଆତିଥ୍ୟ ସତ୍କାର କରିଥିଲେ, ବାଇବଲରେ ପଢ଼ିଥାଉ । ବର୍ଣ୍ଣବା ସଦୃଶ୍ୟ ଏକ ସୁବକ୍ତା ଓ ସୁଶିକ୍ଷକଙ୍କୁ ପ୍ରିସ୍କିଲା ଆପଣା ଗୃହରେ ଈଶ୍ୱରଙ୍କ ପଥ ଶିକ୍ଷା ଦେଇଥିଲେ ।

ପରମେଶ୍ୱର ନାରୀମାନଙ୍କୁ ଅନେକ ଭାର ଦେଇଅଛନ୍ତି । ସେହିସବୁ କର୍ତ୍ତବ୍ୟ ସଠିକ୍ ଭାବେ ନିର୍ବାହ କରି ନାରୀ ପରିବାର ଦୃଷ୍ଟିରେ, ସମାଜ ଦୃଷ୍ଟିରେ, ମଣ୍ଡଳୀ ଦୃଷ୍ଟିରେ ଓ ପରମେଶ୍ୱରଙ୍କ ଦୃଷ୍ଟିରେ ଧନ୍ୟ ହୁଏ ।

***- Kabita Gootam***

❋❋❋

# ଅତ୍ୟଧିକ ମୂଲ୍ୟ

## (The cost is too High)

"ତାଙ୍କର ସମୟରେ ବୈଥେଲୀୟ ହୀୟେଲ ଯିରୀହୋ ନଗର ପୁନର୍ବାର ନିର୍ମାଣ କଲେ, ସଦାପ୍ରଭୁ ନୂନର ପୁତ୍ର ଯିହୋଶୂୟଙ୍କ ହସ୍ତରେ ଯାହା କହିଥିଲେ, ସେହି ବାକ୍ୟାନୁସାରେ ସେ ଆପଣା ଜ୍ୟେଷ୍ଠ ପୁତ୍ର ଅବୀରାମର ମୃତ୍ୟୁ ସହିତ ନଗରର ଭିତ୍ତିମୂଳ ସ୍ଥାପନ କଲେ ଓ ଆପଣା କନିଷ୍ଠ ପୁତ୍ର ସଗୂବର ମୃତ୍ୟୁ ସହିତ ତହିଁର ଦ୍ୱାରମାନ ସ୍ଥାପନ କଲେ ।" (ପ୍ରଥମ ରାଜାବଳୀ ୧୬:୩୪) । ହୀୟେଲ ଯିରୀହୋ ନଗର ଆପଣା ଦୁଇସନ୍ତାନଙ୍କ ଜୀବନ ବଦଳେ ସ୍ଥାପନ କରିଥିଲେ ।

"ଯାରବିୟାମଙ୍କର ପଥରେ ଚାଲିବା" ବାଶା, ଏଲା, ସିମ୍ରି, ଅମ୍ରି, ଆହବ ପ୍ରଭୃତି ରାଜାମାନଙ୍କ ସଂକ୍ଷିପ୍ତ ଜୀବନ କାହାଣୀ ଏହି ଅଧ୍ୟାୟରେ ପଢ଼ିଥାଉଁ । ଶଲୋମନଙ୍କ ମୃତ୍ୟୁ ପରେ ଇଶ୍ରାଏଲ ବିଭକ୍ତ ହେବା ପରେ, ଯାରବିୟାମ ଉତ୍ତର ଦେଶର ପ୍ରଥମ ରାଜା ରୂପେ ଅଭିଷିକ୍ତ ହେଲେ । ସେ ଇଶ୍ରାଏଲୀୟମାନଙ୍କୁ ମୂର୍ତ୍ତିପୂଜା କରିବାରେ ପ୍ରବର୍ତ୍ତାଇ ଥିଲେ । ଉପରୋକ୍ତ ପ୍ରତ୍ୟେକ ରାଜା ଲୋଭ, ହତ୍ୟା, ଆଜ୍ଞାଲଂଘନରେ ପ୍ରଖ୍ୟାତ । ଅତଏବ ହୀୟେଲଙ୍କ ଗର୍ବ ଓ ଆଜ୍ଞାଲଂଘନ ତାହାଙ୍କ ସମୟର ରାଜାମାନଙ୍କ

ଚରିତ୍ରର ପ୍ରତିଫଳ, ନୂନଙ୍କ ପୁତ୍ର ଯିହୋଶୂୟଙ୍କ ବ୍ୟକ୍ତ ଭବିଷ୍ୟଦ୍‌ବାଣୀର ଭ୍ରୂକ୍ଷେପ ନକରି, ଆପଣା ଦୁଇପୁତ୍ରଙ୍କ ମୃତ୍ୟୁ ଦ୍ୱାରା ସେ ଯିରୀହୋ ନଗର ପୁନଃସ୍ଥାପନ କରିଥିଲେ । ଆଜିର ମନୁଷ୍ୟ ମଧ୍ୟ ମୂଲ୍ୟ ପ୍ରତି ଭ୍ରୂକ୍ଷେପ ନକରି, ସାଂସାରିକ ସାମ୍ରାଜ୍ୟ ବାନ୍ଧି ଚାଲିଅଛି । ତଦ୍ୱାରା ଆପଣା ଆତ୍ମା ଓ ଆପଣା ପରିବାରର ଆତ୍ମାଗୁଡ଼ିକ ବିନାଶ କରୁଅଛନ୍ତି ।

**ଆପଣଙ୍କ "ଜୀବନ ଶୈଳୀ" ଯଦି ଆତ୍ମିକ ବୃଦ୍ଧି ପାଇବାରେ ବିଘ୍ନ ହେଉଅଛି, ଆପଣ ଅତ୍ୟଧିକ ମୂଲ୍ୟ ଦେଉଅଛନ୍ତି ।** ଆପଣଙ୍କ ଦୈନିକ ଜୀବନରେ ପରମେଶ୍ୱରଙ୍କ ନିମନ୍ତେ କି ସ୍ଥାନ ଅଛି ? ମନୁଷ୍ୟ ସାଂସାରିକ ଜୀବନ ଅଭିବୃଦ୍ଧିରେ ବ୍ୟସ୍ତ ରହି ଆତ୍ମିକ ଜୀବନର ବୃଦ୍ଧିରେ ଅବହେଳା କରିଅଛନ୍ତି । ତଦ୍ୱାରା ଆପଣା ସନ୍ତାନସନ୍ତତିମାନଙ୍କ ଆତ୍ମିକ ଜୀବନ ଅବହେଳିତ ହୁଏ, ଆପଣା କାର୍ଯ୍ୟ, ଆପଣା ବ୍ୟାପାର ଇତ୍ୟାଦିରେ ଆପଣା ସମୟ ବିତାଇ ପାରିବାରିକ ପ୍ରାର୍ଥନା, ବାକ୍ୟଧ୍ୟାନ, ଆରାଧନା ପ୍ରଭୃତି ବିଷୟ ଅବହେଳିତ ହୁଏ । ଆତ୍ମିକ ବିଷୟରେ ଆସକ୍ତ ନ ହେବାର ପ୍ରତିଫଳ ଭୟଙ୍କର । ଆପେ ଓ ଆପଣାର ପରିବାର ବିନଷ୍ଟ ହେବେ ।

**ଆପଣା ସନ୍ତାନସନ୍ତତି ମାନଙ୍କୁ ସଂସାରର ପ୍ରତ୍ୟେକ ବିଷୟ ଶିକ୍ଷା ଦେଇ, ଈଶ୍ୱର ବିହୀନ ଜୀବନ ଦେବାର ଫଳ ଅତ୍ୟନ୍ତ ଭୟଙ୍କର ।** ଆଜିର ସଂସାରରେ ଲୋକେ ଶିକ୍ଷା, ଧନସମ୍ପଦ, ସମାଜରେ ସ୍ଥାନ, ଚାକିରୀ ପ୍ରଭୃତିକୁ ଆତ୍ମିକ ଜୀବନରୁ ଅଧିକ ପ୍ରାଧାନ୍ୟ ଦେଇଥାନ୍ତି । ମାଥିଉ ୧୯:୧୬-୩୦ ପଦରେ ଯୀଶୁ ଏକ ଧନୀ ଯୁବକଙ୍କ ସହିତ କଥାବାର୍ତ୍ତା କରିବାର ପଢ଼ିଥାଉଁ । ଏହି ଧନୀ ଯୁବକ ଅନନ୍ତ ଜୀବନ ପ୍ରାପ୍ତିର ଆଶାରେ ତାହାଙ୍କ ନିକଟକୁ ଆସିଥିଲା । ଯୀଶୁ ତାହାଙ୍କ ଆଜ୍ଞା ସବୁ ପାଳନ କରିବା ନିମନ୍ତେ କହିଲେ । ସେ ଆଜ୍ଞାସବୁ ପାଳନ କରି ଆସୁଅଛନ୍ତି ବୋଲି ତାହାଙ୍କୁ ଜଣାଇଥିଲେ । ତହିଁରେ ଯୀଶୁ କହିଲେ,"......ଯଦି ତୁମ୍ଭେ ସିଦ୍ଧ ହେବାକୁ ଇଚ୍ଛା କର, ତେବେ ଯାଇ ଆପଣାର ସର୍ବସ୍ୱ ବିକ୍ରୟ କରି ଦରିଦ୍ରମାନଙ୍କୁ ଦାନ କର, ଆଉ ତୁମ୍ଭେ ସ୍ୱର୍ଗରେ ଧନ ପାଇବ, ଆସି ମୋହର ଅନୁଗମନ କର । କିନ୍ତୁ ଏକଥା ଶୁଣି ଯୁବକଟି ଦୁଃଖିତ ହୋଇଗଲେ, କାରଣ ତାଙ୍କର ବହୁତ ସମ୍ପତ୍ତି ଥିଲା ।" (୨୧ ଓ ୨୨ ପଦ) ସେ ଆପଣା ଆତ୍ମା ଠାରୁ ଆପଣା ଧନ ସମ୍ପତ୍ତିକୁ ଅଧିକ ପ୍ରାଧାନ୍ୟତା ଦେଇଥିଲେ । ଏହା ଅତ୍ୟଧିକ ମୂଲ୍ୟ !

**ଆପଣ ଯଦି ଅତୀତ କିଅବା ଭବିଷ୍ୟତର ଚିନ୍ତା କରୁନାହାନ୍ତି, ଆପଣଙ୍କୁ ଅତ୍ୟଧିକ ମୂଲ୍ୟ ଦେବାକୁ ହେବ !** ହୀୟେଲ ଅତୀତରୁ କିଛି ଶିକ୍ଷା

କରିନଥିଲେ । କାରଣ ଯେଉଁମାନେ ପରମେଶ୍ୱରଙ୍କ ବାକ୍ୟ ଅମାନ୍ୟ କରିଥିଲେ, ସେମାନେ ଦଣ୍ଡିତ ହୋଇଥିଲେ । ଏତଦ୍‌ବ୍ୟତୀତ ସଦାପ୍ରଭୁ ପ୍ରାରମ୍ଭରୁ ମନୁଷ୍ୟମାନଙ୍କ ନିମନ୍ତେ ପ୍ରୟୋଜନୀୟ ଆଜ୍ଞାବଳୀ ପ୍ରକଟ କରିଆସୁଅଛନ୍ତି । ଲେଖାଯାଏ,"ସେ ସମୟରେ ଯିହୋଶୂୟ ସେମାନଙ୍କୁ ଶପଥ କରାଇ କହିଲେ, ଯେକେହି ଉଠି ପୁନର୍ବାର ଏହି ଯିରୀହୋ ନଗର ନିର୍ମାଣ କରେ, ସେ ସଦାପ୍ରଭୁଙ୍କ ସାକ୍ଷାତରେ ଶାପଗ୍ରସ୍ତ ହେଉ, ସେ ଆପଣା ଜ୍ୟେଷ୍ଠ ପୁତ୍ର ସହିତ ତହିଁର ଭିତ୍ତିମୂଳ ସ୍ଥାପନ କରିବ ଓ ଆପଣା କନିଷ୍ଠ ପୁତ୍ରର ମୃତ୍ୟୁ ସହିତ ତହିଁର ଦ୍ୱାରମାନ ସ୍ଥାପନ କରିବ ।" (ଯିହୋଶୂୟ ୬:୨୬) ଯିହୋଶୂୟଙ୍କ ଏହି ସତର୍କବାଣୀ ସତ୍ତ୍ୱେ ହୀୟେଲ ଯିରୋହ ନଗର ପୁନଃସ୍ଥାପନ କରିଥିଲେ ଓ ପ୍ରତିଫଳ ଭୋଗିଲେ । ଆଜିର ମନୁଷ୍ୟ ମଧ୍ୟ ଅତୀତ ଘଟଣାରୁ ଆବଶ୍ୟକୀୟ ଶିକ୍ଷାବଳୀ ଶିକ୍ଷା ନକଲେ ପ୍ରତିଫଳ ଭୋଗିବ । ସଦାପ୍ରଭୁ ଆମ୍ଭମାନଙ୍କ ଆତ୍ମାର ରକ୍ଷା ନିମନ୍ତେ ଆବଶ୍ୟକୀୟ ଶିକ୍ଷାବଳୀ ପ୍ରଦାନ କରି ବାଇବଲରେ ଲିଖିତ କରିଅଛନ୍ତି । ଏଥିରେ ଲିଖିତ ସତର୍କବାଣୀ ଭ୍ରୁକ୍ଷେପ ନକଲେ ନିଶ୍ଚିତ ଭାବେ ଦଣ୍ଡିତ ହେବା । ଏହାର ମୂଲ୍ୟ ଅତ୍ୟଧିକ ହେବ !

ଯୀଶୁ କହିଲେ,"ମନୁଷ୍ୟ ଯେବେ ସମସ୍ତ ଜଗତ ଲାଭ କରି ଆପଣା ଜୀବନ ହରାଏ, ତେବେ ତାହାର କି ଲାଭ ହେବ ? କିମ୍ବା ମନୁଷ୍ୟ ଆପଣା ଜୀବନ ବଦଳରେ କଅଣ ଦେବ ?" (ମାଥିଉ ୧୬:୨୬) ପରମେଶ୍ୱରଙ୍କ ଆଜ୍ଞାପାଳନ କରିବାରେ ଆପଣଙ୍କୁ କି କୌଣସି ବାଧାବିଘ୍ନ ଅଛି ? ଯଦି ଥାଏ, ତାହାର ମୂଲ୍ୟ ଅତ୍ୟଧିକ !

*- Terry D. Casey*

❋❋❋

# ଆମ୍ଭମାନଙ୍କ ସଦୃଶ୍ୟ ଏକ ମନୁଷ୍ୟ !
## (A man just like us !)

"ମୁଁ ଜଣେ ମନୁଷ୍ୟ ମାତ୍ର, ମୁଁ କଅଣ କରିପାରିବି ?" ବୋଲି ଅନେକ ନିରୁତ୍ସାହର ଉତ୍ତର ଦେଇଥାନ୍ତି । ମନୁଷ୍ୟ ଦ୍ୱାରା ଅନେକ ବିଷୟ ସାଧିତ ନହେଲେ ସୁଦ୍ଧା, ପରମେଶ୍ୱରଙ୍କ ସାହାଯ୍ୟରେ ଆମ୍ଭେମାନେ ଅନେକ କାର୍ଯ୍ୟ ସାଧନ କରିପାରିବା ।

"ଏଲିୟ ଆମ୍ଭମାନଙ୍କ ପରି ସୁଖଦୁଃଖଭୋଗୀ ମନୁଷ୍ୟ ଥିଲେ । ବୃଷ୍ଟି ନହେବା ନିମନ୍ତେ ସେ ଏକାନ୍ତ ଚିତ୍ତରେ ପ୍ରାର୍ଥନା କଲେ, ଆଉ ତିନିବର୍ଷ ଛଅମାସ ପର୍ଯ୍ୟନ୍ତ ବୃଷ୍ଟି

ହେଲା ନାହିଁ । ସେ ପୁନର୍ବାର ପ୍ରାର୍ଥନା କରନ୍ତେ ଆକାଶରୁ ବୃଷ୍ଟି ହେଲା, ଆଉ ଭୂମି ଅପାଣା ଫଳ ଉତ୍ପନ୍ନ କଲା ।'' (ଯାକୁବ ୫:୧୭-୧୮) । ପରମେଶ୍ୱରଙ୍କ ବିରୁଦ୍ଧରେ ପାପ କଲେ ଦେଶରେ ବୃଷ୍ଟି ନିବାରିତ ହେବ ବୋଲି ଈଶ୍ୱରଙ୍କ ଆଜ୍ଞା ଥିଲା । ଆହାବ ରାଜାଙ୍କ ସମୟରେ ଇଶ୍ରାଏଲୀୟମାନେ ପରମେଶ୍ୱରଙ୍କ ଆଜ୍ଞା ବିରୁଦ୍ଧାଚରଣ କରିବାରୁ, ପରମେଶ୍ୱର ଏଲିୟଙ୍କ ଦ୍ୱାରା ସେ ଦେଶରେ ତିନିବର୍ଷ ଛଅମାସ ପର୍ଯ୍ୟନ୍ତ ବୃଷ୍ଟି ନିବାରିତ କରିଥିଲେ । ଆମ୍ଭମାନଙ୍କ ସଦୃଶ୍ୟ ଦୁଃଖସୁଖଭୋଗୀ ମନୁଷ୍ୟ ପରମେଶ୍ୱରଙ୍କ ଦ୍ୱାରା ବ୍ୟବହୃତ ହୋଇଥିଲେ ।

"......ହେ ଲୋକମାନଙ୍କର ଅଧ୍ୟକ୍ଷ ଓ ପ୍ରାଚୀନମାନେ, ଆଜି ଯଦି ଜଣେ ରୋଗୀ ପ୍ରତି କରାଯାଇଥିବା ଉତ୍ତମ କାର୍ଯ୍ୟ ବିଷୟରେ ଆମ୍ଭମାନଙ୍କୁ ପଚରାଯାଏ ଯେ, ଏହି ଲୋକ କି ଉପାୟରେ ସୁସ୍ଥ ହୋଇଅଛି, ତାହାହେଲେ ଆପଣମାନେ ସମସ୍ତେ ଓ ସମସ୍ତ ଇସ୍ରାଏଲ୍ ଲୋକ ଜ୍ଞାତ ହୁଅନ୍ତୁ, ଯେଉଁ ନାଜରିତୀୟ ଯୀଶୁଖ୍ରୀଷ୍ଟଙ୍କୁ ଆପଣମାନେ କ୍ରୁଶରେ ବଧ କରିଅଛନ୍ତି, ତାହାଙ୍କୁ ଈଶ୍ୱର ମୃତମାନଙ୍କ ମଧ୍ୟରୁ ଉଠାଇଅଛନ୍ତି, ତାହାଙ୍କ ନାମରେ ହିଁ, ତାହାଙ୍କ ଦ୍ୱାରା ଏହି ଲୋକଟି ସୁସ୍ଥ ହୋଇ ଆପଣମାନଙ୍କ ସାକ୍ଷାତରେ ଠିଆ ହୋଇଅଛି । ଗୃହନିର୍ମାଣକାରୀ ଯେ ଆପଣମାନେ, ଆପଣମାନଙ୍କ ଦ୍ୱାରା ଯେଉଁ ପ୍ରସ୍ତର ଅବଜ୍ଞାତ ହୋଇଥିଲା, କିନ୍ତୁ ଯାହା କୋଣର ପ୍ରଧାନ ପ୍ରସ୍ତର ହେଲା, ସେ ସେହି ପ୍ରସ୍ତର । ତାହାଙ୍କ ଛଡ଼ା ଆଉ କାହାଠାରେ ପରିତ୍ରାଣ ନାହିଁ, କାରଣ ଯାହାଦ୍ୱାରା ଆମ୍ଭମାନଙ୍କୁ ପରିତ୍ରାଣ ପାଇବାକୁ ହେବ, ଆକାଶ ତଳେ ମନୁଷ୍ୟମାନଙ୍କ ମଧ୍ୟରେ ଆଉ କୌଣସି ନାମ ଦିଆଯାଇନାହିଁ । ସେମାନେ ପିତର ଓ ଯୋହନଙ୍କ ସାହସ ଦେଖି ଏବଂ ସେମାନେ ଯେ ଅଶିକ୍ଷିତ ଓ ଅଜ୍ଞାନ ଲୋକ ଏହା ବୁଝି ଚମତ୍କୃତ ହେଲେ । ପୁଣି ସେମାନେ ଯୀଶୁଙ୍କ ସାଙ୍ଗରେ ଥିଲେ ବୋଲି ସେମାନଙ୍କୁ ଚିହ୍ନିଲେ । ଆଉ ସେହି ସୁସ୍ଥ ହୋଇଥିବା ଲୋକଟି ସେମାନଙ୍କ ସାଙ୍ଗରେ ଠିଆ ହୋଇଥିବାର ଦେଖି, ବିରୁଦ୍ଧରେ କିଛି କହିପାରିଲେ ନାହିଁ ।'' (ପ୍ରେରିତ ୪:୮-୧୪) । ଅଶିକ୍ଷିତ ଓ ସାମାନ୍ୟ ମନୁଷ୍ୟ ପିତର ଓ ଯୋହନଙ୍କ ଦ୍ୱାରା ସଦାପ୍ରଭୁ ଏକ ଖଞ୍ଜ ଲୋକଙ୍କୁ ସୁସ୍ଥ କରିଥିଲେ । ଅଧିକାରୀମାନେ ସେମାନଙ୍କୁ ପ୍ରଶ୍ନ କରିଥିବାରୁ, ନିର୍ଭୟରେ ସେମାନେ ଉତ୍ତର ଦେଇଥିଲେ । ସେମାନଙ୍କ ସାହସ ଦେଖି ସେମାନେ ଯୀଶୁଙ୍କ ସହିତ ଥିଲେ ବୋଲି ଲୋକେ ଚିହ୍ନିଲେ । ଦୁଃଖକଷ୍ଟରେ ପୀଡ଼ିତ ଲୋକମାନଙ୍କୁ ସାହାଯ୍ୟ କରିବା ନିମନ୍ତେ ଯୀଶୁ ସେମାନଙ୍କୁ ସମର୍ଥନ କରିଥିଲେ ।

ଦୁର୍ବଳ ଓ ଅଜ୍ଞାନୀମାନେ ପରମେଶ୍ୱରଙ୍କ ସେବା ନିମନ୍ତେ ନିର୍ବାଚିତ ହୋଇଅଛନ୍ତି ବୋଲି ପାଉଲ, କରିନ୍ଥୀ ମଣ୍ଡଳୀକୁ ଲେଖନ୍ତି । "......କାରଣ ଖ୍ରୀଷ୍ଟ ମୋତେ ବାପ୍ତିସ୍ମ ଦେବା ନିମନ୍ତେ ପ୍ରେରଣ କଲେ ନାହିଁ, ଯାତ୍ରା ସୁସମାଚାର ପ୍ରଚାର କରିବା ନିମନ୍ତେ ପ୍ରେରଣ କଲେ, ତାହା ମଧ୍ୟ ବାକ୍ୟାଡ଼ମ୍ବରରେ ନୁହେଁ, କାଳେ ଖ୍ରୀଷ୍ଟଙ୍କ କ୍ରୁଶ ବ୍ୟର୍ଥ ହୁଏ । କାରଣ ବିନାଶ ପ୍ରାପ୍ତ ହୋଉଥିବା ଲୋକମାନଙ୍କ ପ୍ରତି କ୍ରୁଶର କଥା ମୁର୍ଖତା ମାତ୍ର କିନ୍ତୁ ପରିତ୍ରାଣପ୍ରାପ୍ତ ହେଉଥିବା ଆମ୍ଭମାନଙ୍କ ପ୍ରତି ତାହା ଈଶ୍ୱରଙ୍କ ଶକ୍ତି ଅଟେ । ଯେଣୁ ଏହା ଲେଖାଅଛି, "ଆମ୍ଭେ ଜ୍ଞାନୀମାନଙ୍କର ଜ୍ଞାନ ନଷ୍ଟ କରିବା, ଆଉ ବୁଦ୍ଧିମାନ ମାନଙ୍କର ବୁଦ୍ଧି ଅଗ୍ରାହ୍ୟ କରିବା, ଜ୍ଞାନୀ କାହିଁ ? ଶାସ୍ତ୍ରୀ କାହିଁ ? ଏହି ଯୁଗର ତାର୍କିକ କାହିଁ ? ଈଶ୍ୱର କି ଜଗତର ଜ୍ଞାନକୁ ମୁର୍ଖତା ବୋଲି ପ୍ରକାଶ କରିନାହାନ୍ତି ? କାରଣ ଈଶ୍ୱରଙ୍କ ଜ୍ଞାନ ପ୍ରକାଶିତ ହୋଇଥିଲେ ହେଁ ଜଗତ ନିଜ ଜ୍ଞାନ ଦ୍ୱାରା ଈଶ୍ୱରଙ୍କୁ ନ ଜାଣିବାରୁ ପ୍ରଚାରିତ ପ୍ରସଙ୍ଗର ମୁର୍ଖତା ଦ୍ୱାରା ବିଶ୍ୱାସୀମାନଙ୍କୁ ପରିତ୍ରାଣ କରିବା ପାଇଁ ଈଶ୍ୱର ସନ୍ତୁଷ୍ଟ ହେଲେ । ......ଯେଣୁ ଈଶ୍ୱରଙ୍କ ମୁର୍ଖ ବିଷୟ ମନୁଷ୍ୟର ଜ୍ଞାନ ଅପେକ୍ଷା ଅଧିକ ଜ୍ଞାନପୂର୍ଣ୍ଣ, ଆଉ ଈଶ୍ୱରଙ୍କ ଦୁର୍ବଳ ବିଷୟ ମନୁଷ୍ୟର ବଳ ଅପେକ୍ଷା ଅଧିକ ବଳବାନ ।" (୧ମ କରିନ୍ଥୀ ୧:୧୭-୨୧,୨୫)

ଆପଣ ଯଦି ଆପଣାକୁ ଏକ ସାଧାରଣ ବ୍ୟକ୍ତିରୂପେ ବିବେଚନା କରୁଅଛନ୍ତି, ତେବେ ଆପଣ ହିଁ ତାହାଙ୍କ ନିର୍ବାଚିତ ବ୍ୟକ୍ତି ଅଟନ୍ତି । ବିଶ୍ୱାସରେ ପ୍ରାର୍ଥନା କରି, ଅନେକଙ୍କ ନିମନ୍ତେ ମଙ୍ଗଳସାଧନ କରିପାରିବେ । ଆପଣଙ୍କ ପ୍ରତି ଈଶ୍ୱରଙ୍କ ପ୍ରକାଶିତ ପ୍ରେମ ବିଷୟରେ ଅନ୍ୟମାନଙ୍କୁ ଜଣାଇ ଅନନ୍ତଗୃହ ରୂପ ସ୍ୱର୍ଗକୁ କଢ଼ାଇ ପାରିବେ ।

*- K.S. Swamidas*

❋❋❋

# ଈଶ୍ୱରଙ୍କ ବାକ୍ୟ
## (The word of God)

ଖ୍ରୀଷ୍ଟିୟାନମାନେ ଫଳ ଫଳିବା ନିମନ୍ତେ ଆହୂତ ହୋଇ ଅଛନ୍ତି । ଫଳ ଫଳିବା ନିମନ୍ତେ ଈଶ୍ୱରଙ୍କ ବାକ୍ୟ ହିଁ ବୀଜ ଅଟେ ।

ମନୁଷ୍ୟମାନଙ୍କ ହୃଦୟରେ ସ୍ଥାନ ପାଇଥିବା ବାକ୍ୟର ଧ୍ୟାନ ଦ୍ୱାରା ମନୁଷ୍ୟ ଖ୍ରୀଷ୍ଟିୟାନ ଜୀବନ ନିମନ୍ତେ ଶକ୍ତି ସଂଗ୍ରହ କରେ । "..............ମାତ୍ର ସଦାପ୍ରଭୁଙ୍କ

ବ୍ୟବସ୍ଥାରେ ଯାହାର ଆମୋଦ ଥାଏ, ଓ ଯେ ଦିବାରାତ୍ର ତାହାଙ୍କର ବ୍ୟବସ୍ଥା ଧ୍ୟାନ କରେ, ସେ ଧନ୍ୟ, ଯେଉଁ ବୃକ୍ଷ ଜଳସ୍ରୋତ ନିକଟରେ, ଯାହାର ପତ୍ର ହିଁ ମଳିନ ହୁଏ ନାହିଁ, ଏପରି ବୃକ୍ଷ ସଦୃଶ୍ୟ ହେବ, ପୁଣି, ସେ ଯାହା କରେ, ତାହା ସଫଳ ହେବ ।'' (ଗୀତ ୧:୨-୩)

ଏହି ବାକ୍ୟରେ, ଫଳପ୍ରଦ ଖ୍ରୀଷ୍ଟିୟାନ ଜୀବନର ସୂତ୍ର ସୁସ୍ପଷ୍ଟ ହୁଏ । ଦିବାରାତ୍ର ଈଶ୍ୱରଙ୍କ ବାକ୍ୟ ଧ୍ୟାନ କରିବା ତତ୍‌ଫଳେ, ନଦୀତୀରର ବୃକ୍ଷ ନ ଶୁଖି ଯେପରି ଫଳ ଫଳିବା ପାଇଁ ବୃଦ୍ଧି ପାଏ ଏବଂ ଫଳ ଉତ୍ପାଦନ କରେ ସେହିପରି ବାକ୍ୟଧ୍ୟାନ କାରୀମାନେ ଈଶ୍ୱରଙ୍କ ନିମନ୍ତେ ଫଳ ଉତ୍ପାଦନ କରନ୍ତି । ତୃତୀୟରେ ଯେଉଁ ବୃକ୍ଷର ପତ୍ର ମଳିନ ନ ହୁଏ ତାହାର ସଦୃଶ୍ୟ, ସବୁଜ ଖ୍ରୀଷ୍ଟିୟାନମାନେ ଯେଉଁ କାର୍ଯ୍ୟ କରନ୍ତି ସଫଳ ହୁଅନ୍ତି ।

ପ୍ରତ୍ୟେକ ଖ୍ରୀଷ୍ଟିୟାନ ଦିନକୁ ଦିନ ଖ୍ରୀଷ୍ଟଙ୍କ ଜ୍ଞାନରେ ବୃଦ୍ଧି ପାଇବା ଆବଶ୍ୟକ । ଏକ ଶିଶୁର ବୃଦ୍ଧି ନିମନ୍ତେ ଶାରୀରିକ ଖାଦ୍ୟ ଯେପରି ଆବଶ୍ୟକ, ଆତ୍ମୀୟ ଶିଶୁମାନଙ୍କ ବୃଦ୍ଧି ନିମନ୍ତେ ଈଶ୍ୱରଙ୍କ ବାକ୍ୟ ଆବଶ୍ୟକ । ଏଫିସୀ ମଣ୍ଡଳୀର ପ୍ରାଚୀନମାନଙ୍କ ପ୍ରେରିତ ପାଉଲ କହନ୍ତି, ''ଏବେ ମୁଁ ତୁମ୍ଭମାନଙ୍କୁ ପ୍ରଭୁଙ୍କ ଠାରେ ଓ ତାହାଙ୍କ ଅନୁଗ୍ରହର ବାକ୍ୟ ନିକଟରେ ସମର୍ପଣ କରୁଅଛି, ସେ ତୁମ୍ଭମାନଙ୍କୁ ନିଷ୍ଠାବାନ୍ କରିବା ନିମନ୍ତେ ଓ ପବିତ୍ରୀକୃତ ସମସ୍ତଙ୍କ ମଧ୍ୟରେ ଅଧିକାର ଦେବା ନିମନ୍ତେ ସମର୍ଥ ଅଟନ୍ତି ।'' (ପ୍ରେରିତ ୨୦:୩୨)

ଆଜି ଖ୍ରୀଷ୍ଟିୟ ସମାଜରେ ଅନେକ ଭ୍ରାନ୍ତ ଶିକ୍ଷା ସ୍ଥାନ ପାଇଅଛି । ବାକ୍ୟଧ୍ୟାନ ଦ୍ୱାରା ଆମ୍ଭେମାନେ ଭ୍ରାନ୍ତ ଶିକ୍ଷାଠାରୁ ଓ ପାପଠାରୁ ଆପଣାକୁ ପୃଥକ୍ ରଖିପାରିବା ।

''କିନ୍ତୁ ଦୁଷ୍ଟ ଲୋକ ଓ ପ୍ରବଞ୍ଚକମାନେ ଭ୍ରାନ୍ତି ଜନ୍ମାଇ ଓ ଭ୍ରାନ୍ତ ହୋଇ ଅଧିକରୁ ଅଧିକ ଦୁଷ୍ଟ ହୋଇ ଉଠିବେ । କିନ୍ତୁ ତୁମ୍ଭେ ଯାହା ଯାହା ଶିକ୍ଷା କରିଅଛ, ଆଉ ଯେ ସମସ୍ତ ବିଷୟର ନିଶ୍ଚିତ ବୋଧ ପାଇଅଛ, ସେ ସବୁରେ ସ୍ଥିର ହୋଇ ରହିଥାଅ, କାରଣ ତୁମ୍ଭେ ଜାଣୁଅଛ, କେଉଁ ମାନଙ୍କ ଠାରୁ ସେହିସବୁ ଶିକ୍ଷା କରିଅଛ, ପୁଣି ଯେଉଁ ଧର୍ମଶାସ୍ତ୍ର ଖ୍ରୀଷ୍ଟ ଯୀଶୁଙ୍କ ଠାରେ ବିଶ୍ୱାସ ଦ୍ୱାରା ତୁମ୍ଭଙ୍କୁ ପରିତ୍ରାଣ ଜନକ ଜ୍ଞାନ ଦେବାକୁ ସମର୍ଥ ତାହା ତୁମ୍ଭେ ବାଲ୍ୟକାଳରୁ ଜ୍ଞାତ ଅଛ । ସମସ୍ତ ଶାସ୍ତ୍ର ଈଶ୍ୱର ନିଃଶ୍ୱସିତ ଏବଂ ଶିକ୍ଷା ଅନୁଯୋଗ, ସଂଶୋଧନ ଓ ଧାର୍ମିକତା ସମ୍ବନ୍ଧୀୟ ଶାସନ ନିମନ୍ତେ ଉପକାରୀ । ଯେପରି ଈଶ୍ୱରଙ୍କ ଲୋକ ସିଦ୍ଧ ହୋଇ ସମସ୍ତ ଉତ୍ତମ କାର୍ଯ୍ୟ ସୁସଜ୍ଜିତ ହୁଏ ।'' (୨ୟ ତୀମଥି ୩:୧୩-୧୭)

ଈଶ୍ୱରଙ୍କ ବାକ୍ୟ ଧ୍ୟାନ ନ କରିବାରେ ଅବହେଳା କଲେ ମନୁଷ୍ୟ ଭ୍ରାନ୍ତ ଶିକ୍ଷାର ଶିକାର ହୁଏ । ଶୟତାନ ସେମାନଙ୍କ ହୃଦୟରେ ଅଜାଣତରେ ପ୍ରବେଶ କରିଥାଏ ।

ଏପରି ଆପଦରୁ ଆପଣାକୁ ଆମେ କିପରି ରକ୍ଷା କରିବା ଗୀ[illegible] ୭୦ [illegible] ଆମମାନଙ୍କୁ ଜଣାନ୍ତି । "ମୁଁ ଯେପରି ତୁମ୍ଭ ପାପ ନକରେ, ଏଥିପାଇଁ ମୁଁ ଆପଣା [illegible] ଅନ୍ତରରେ ତୁମ୍ଭର ବାକ୍ୟ ସଞ୍ଚୟ କରି ରଖିଅଛି ।" (ଗୀତ ୧୧୯:୧୧)

ଆପଣଙ୍କ ଖ୍ରୀଷ୍ଟିୟାନ ଜୀବନ ନିଷ୍ଫଳ ହେବା କି ଆପଣ ଇଚ୍ଛା କରନ୍ତି ? ତା'ହେଲେ ଈଶ୍ୱରଙ୍କ ବାକ୍ୟ ଧ୍ୟାନରେ ଅବହେଳା କରନ୍ତୁ ଆପଣ ଆପଣା ଲକ୍ଷ୍ୟ ସାଧନ କରିପାରିବେ । ଯଦି ଆପଣ ଫଳପ୍ରଦ ଜୀବନ ଓ ନିତ୍ୟ ଜୀବନ ଆକାଂକ୍ଷା କରନ୍ତି, ଈଶ୍ୱରଙ୍କ ବାକ୍ୟ ଧ୍ୟାନ ଆପଣଙ୍କ ଦୈନିକ ଜୀବନର ଶ୍ରେଷ୍ଠ ସ୍ଥାନ ପାଉ ।

***- Tom Keton***

❋❋❋

# ସଦାପ୍ରଭୁଙ୍କ ହସ୍ତ
## (The Hand of God)

"ଦେଖ, ସଦାପ୍ରଭୁଙ୍କର ହସ୍ତ ଛୋଟ ହୋଇଯାଇନାହିଁ ଯେ, ତାହା ପରିତ୍ରାଣ କରିନପାରେ..........." (ଯିଶାଇୟ ୫୯:୧) ।

ସଦାପ୍ରଭୁଙ୍କର ହସ୍ତ ବିଷୟରେ ଆମ୍ଭେମାନେ ଅନେକ ଥର ବାକ୍ୟରେ ପଢ଼ିବାକୁ ପାଇଥାଉ । ଯୀଶୁ କହିଲେ,"ଈଶ୍ୱର ଆତ୍ମା" ଅଟନ୍ତି । (ଯୋହନ ୪:୨୪, ତଥାପି ବାଇବଲରେ ଈଶ୍ୱରଙ୍କ ଚକ୍ଷୁ, କାନ, ମୁଖ, ହସ୍ତ, ପୃଷ୍ଠଦେଶ ବିଷୟରେ କୁହାଯାଇଅଛି । "ସଦାପ୍ରଭୁଙ୍କ ହସ୍ତ" ତାହାଙ୍କ କାର୍ଯ୍ୟ ଓ ଶକ୍ତିକୁ ବୁଝାଏ । ୧ମ ପିତର୫:୬ ପଦରେ ପିତର କହନ୍ତି,"ଈଶ୍ୱରଙ୍କ ବଳବନ୍ତ ହସ୍ତ ତଳେ ଆପଣା ଆପଣାକୁ ନତ କର, ଯେପରି ସେ ତୁମ୍ଭମାନଙ୍କୁ ଯଥା ସମୟରେ ଉନ୍ନତ କରିବେ ।" ସଦାପ୍ରଭୁଙ୍କ ହସ୍ତ ବଳବନ୍ତ, ଶକ୍ତିଯୁକ୍ତ ନିତ୍ୟସ୍ଥାୟୀ ଓ ସର୍ବବ୍ୟାପୀ ଅଟେ । ସଦାପ୍ରଭୁଙ୍କ ହସ୍ତଙ୍କ ଦ୍ୱାରା କୃତ କାର୍ଯ୍ୟସକଳ ବହୁଳ ଓ ବିଶ୍ୱବ୍ୟାପୀ ।

ବିଶ୍ୱର ସୃଷ୍ଟିରେ ସୃଷ୍ଟିକର୍ତ୍ତା ସଦାପ୍ରଭୁଙ୍କ ହସ୍ତର ପ୍ରଭାବ ଆମ୍ଭେମାନେ ଦେଖିଥାଉ । ଏହି ଆକାଶ, ପୃଥିବୀ, ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ର, ତାହାଙ୍କ ହସ୍ତକୃତ କର୍ମ ଅଟେ । ଆମ୍ଭେମାନେ ଜୀବନଯାପନ କରୁଥିବା ଏହି ନାସ୍ତିକ ସଂସାର ସଦାପ୍ରଭୁଙ୍କ ହସ୍ତର ପ୍ରଭାବ ଅସ୍ୱୀକାର କରେ । ପୃଥିବୀର ଜୀବରାଶି, ଆକାଶର ପକ୍ଷୀ, ସମୁଦ୍ରର ପ୍ରାଣୀ ସକଳ କେଉଁଠାରୁ ଆଗତ ? ଆପଣ ଓ ମୁଁ କେଉଁଠାରୁ ଆସିଲୁ ? ଏହି ବିଶ୍ୱ କି

ତାହାଙ୍କ ହସ୍ତକୃତ କର୍ମ ନୁହେଁ ? ଦାଉଦ କହନ୍ତି,''ଆକାଶ ମଣ୍ଡଳ ପରମେଶ୍ୱରଙ୍କ ଗୌରବ ବର୍ଣ୍ଣନା କରେ, ଶୂନ୍ୟମଣ୍ଡଳ ତାହାଙ୍କ ହସ୍ତକୃତ କର୍ମ ପ୍ରକାଶ କରେ ।'' (ଗୀତ ୧୯:୧) ଏବ୍ରୀ ପୁସ୍ତକ କର୍ତ୍ତା କହନ୍ତି, ''ହେ ପ୍ରଭୁ, ତୁମ୍ଭେ ଆରମ୍ଭରେ ପୃଥିବୀର ଭିତ୍ତିମୂଳ ସ୍ଥାପନ କରିଅଛ, ପୁଣି ଆକାଶ ମଣ୍ଡଳ ହସ୍ତ ହସ୍ତକୃତ କର୍ମ ।'' (ଏବ୍ରୀ ୧:୧୦) ତାହାଙ୍କ ହସ୍ତକୃତ ସମସ୍ତ ବିଷୟ ତାହାଙ୍କ ଗୌରବ ପ୍ରକାଶ କରେ ।

ସଦାପ୍ରଭୁଙ୍କ ହସ୍ତ ପରିତ୍ରାଣର ହସ୍ତ । ପାପୀ ମନୁଷ୍ୟକୁ ପରମେଶ୍ୱରଙ୍କ ହସ୍ତ କିପରି ରକ୍ଷା କରେ, ବାଇବଲରେ ପଢ଼ିପାରୁ । ସଦାପ୍ରଭୁଙ୍କ ହସ୍ତକୃତ ମନୁଷ୍ୟ, ପାପରେ ପତିତ ହେଲା କିନ୍ତୁ କରୁଣାମୟୀ ସଦାପ୍ରଭୁ ମନୁଷ୍ୟର ପରିତ୍ରାଣରେ ସଦା ଇଚ୍ଛୁକ । କୌଣସି ମନୁଷ୍ୟ ବିନଷ୍ଟ ହେବା ସେ ଇଚ୍ଛା କରନ୍ତି ତାହା ନୁହେଁ, କିନ୍ତୁ ପରିତ୍ରାଣ କରିବାରେ ସକ୍ଷମ ଅଟନ୍ତି । ରୋମୀୟ ୧:୧୬ରେ ପାଉଲ, ସୁସମାଚାରର ପରିତ୍ରାଣ ନିମନ୍ତେ ଈଶ୍ୱରଙ୍କ ଶକ୍ତି ଅଟେ ବୋଲି ପ୍ରକଟ କରନ୍ତି । ମନୁଷ୍ୟ ପରିତ୍ରାଣ ପ୍ରାପ୍ତ ହେବା ନିମନ୍ତେ ଈଶ୍ୱରଙ୍କ ବାକ୍ୟ ଶ୍ରବଣ କରି, ବିଶ୍ୱାସ କରି ଆଜ୍ଞାବହ ହେବା ଆବଶ୍ୟକ । ସଦାପ୍ରଭୁଙ୍କ ହସ୍ତ ବଳବନ୍ତ ଅଟେ । ତାହାଙ୍କ ବଳବନ୍ତ ହସ୍ତ ପତିତ ମନୁଷ୍ୟକୁ ଉଠାଇ, ପରିତ୍ରାଣ ରୂପ ପ୍ରସ୍ତର ଉପରେ ଉପସ୍ଥାପନ କରେ । ତାହାଙ୍କ ହସ୍ତ ଛୋଟ ହୋଇଯାଇନାହିଁ ଯେ, ତାହା ପରିତ୍ରାଣ ଦେଇନପାରେ । ଅବଶ୍ୟ ଏହି ପ୍ରକ୍ରିୟାରେ ମନୁଷ୍ୟର ସକ୍ରିୟ ହେବା ନିତାନ୍ତ ଆବଶ୍ୟକ । ପାପୀ ମନୁଷ୍ୟର ସ୍ୱଇଚ୍ଛା ବ୍ୟତୀତ ପରମେଶ୍ୱରଙ୍କ ହସ୍ତ ତାହାକୁ ରକ୍ଷା କରିପାରେ ନାହିଁ ।

ସଦାପ୍ରଭୁଙ୍କ ହସ୍ତ ପ୍ରତିଶୋଧର ହସ୍ତ । ଯେଉଁମାନେ ତାହାଙ୍କ ହସ୍ତତଳେ ଅବନତ ହୁଅନ୍ତି ସେମାନଙ୍କୁ ସେ ଆଶୀଷରେ ଭରି ଦିଅନ୍ତି, କିନ୍ତୁ ଯେଉଁମାନେ ତାହାଙ୍କ ହସ୍ତତଳେ ଆଶ୍ରୟ ନ ନିଅନ୍ତି, ସେମାନଙ୍କ ନିମନ୍ତେ ତାହାଙ୍କ ହସ୍ତ ପ୍ରତିଦଣ୍ଡର ହସ୍ତ ଅଟେ । ''ଆପଣା ଖଳା ଉତ୍ତମ ରୂପେ ପରିଷ୍କାର କରିବା ନିମନ୍ତେ ଓ ନିଜ ଅମାରରେ ଗହମ ସଂଗ୍ରହ କରିବା ନିମନ୍ତେ ତାହାଙ୍କ ହାତରେ କୁଲା ଅଛି, କିନ୍ତୁ ଅଗାଡ଼ିଯାକ ସେ ଅନିର୍ବାଣ ଅଗ୍ନିରେ ପୋଡ଼ି ପକାଇବେ ।'' (ଲୂକ ୩:୧୭) । ''ଜୀବିତ ଈଶ୍ୱରଙ୍କ ହସ୍ତରେ ପଡ଼ିବା ଭୟଙ୍କର ବିଷୟ'' (ଏବ୍ରୀ ୧୦:୩୧) । ଆସ ଆମ୍ଭେମାନେ ତାହାଙ୍କ ବଳବନ୍ତ ହସ୍ତ ତଳେ ଆପଣାକୁ ଅବନତ କରୁ, ଯେପରି ଆମ୍ଭମାନଙ୍କ ଜୀବନକାଳ ଶେଷରେ, ''ହେ ପିତା, ତୁମ୍ଭ ହସ୍ତରେ ମୁଁ ଆପଣାର ଆତ୍ମା ସମର୍ପଣ କରୁଅଛି'' ବୋଲି କହିପାରିବା ।

*- Roy BEASLEY*

❋❋❋

# ଭୂଲ ନ କରନ୍ତୁ !
## (Don't make a mistake)

ସଦାପ୍ରଭୁ ପରମେଶ୍ୱରଙ୍କ ଦ୍ୱାରା ଏହି ବିଶ୍ୱ ସୃଷ୍ଟି ହେବା ଦିନ ଠାରୁ ମନୁଷ୍ୟ ଭୂଲ କରି ଆସୁଛି । ସେଥି ମଧ୍ୟରେ ଅନେକ ଭୂଲର ପରିଣାମ ଗୁରୁତର । ମନୁଷ୍ୟ ଇତିହାସରେ ଏକ ସ୍ତ୍ରୀ ଦ୍ୱାରା ପ୍ରଥମ ଭୂଲ ହୋଇଥିଲା । ଆମ୍ଭମାନଙ୍କ ଆଦିମାତା ହବା ପରମେଶ୍ୱରଙ୍କ ବାକ୍ୟ ଅମାନ୍ୟ କରି ଶୟତାନର ବଶ ହୋଇଥିଲେ । (ଆଦି ୩:୬)

ପ୍ରଥମ ପିତାମାତାଙ୍କ ପ୍ରଥମ ସନ୍ତାନ କୟିନ, ଇତିହାସର ଦ୍ୱିତୀୟ ଭୂଲ କରିଥିଲେ ? ତାହାଙ୍କ ବିଷୟରେ ୧ମ ଯୋହନ ୩:୧୨ ପଦରେ ଲେଖାଯାଏ, ପାପାତ୍ମାର ସନ୍ତାନ ଯେ କୟିନ, ତାହା ପରି ହୁଅ ନାହିଁ, ସେ ଆପଣା ଭାଇକୁ ବଧ କଲା, ଆଉ ସେ ତାହାକୁ କାହିଁକି ବଧ କଲା ? କାରଣ ଏହି ଯେ, ତାହାର କାର୍ଯ୍ୟ ପାପମୟ, ଆଉ ତାହାର ଭାଇର କାର୍ଯ୍ୟ ଧର୍ମମୟ ଥିଲା ।''

ବିନାଶ ନିମନ୍ତେ ପ୍ରସ୍ତୁତ ଥିବା ସଦୋମ ନଗର ପରିତ୍ୟାଗ ନ କରି ଲୋକଙ୍କ ଜାମାତା ମାନେ ଭୂଲ କରିଥିଲେ । ସେହି ନଗର ସହିତ ସେମାନେ ମଧ୍ୟ ବିନଷ୍ଟ ହେଲେ । ଲୋତଙ୍କ ଭାର୍ଯ୍ୟା ପରମେଶ୍ୱରଙ୍କ ଦୂତଙ୍କ ଆଜ୍ଞା ଅମାନ୍ୟ କରି, ପଛକୁ ଦେଖି, ଲବଣ ସ୍ତମ୍ଭ ହୋଇଥିଲେ । (ଆଦି ୧୯:୧୪ ଓ ୨୬ ମ ପଦ) ।

ଶାରିରୀକ ଦୁର୍ବଳତା ଯୋଗୁଁ ଏଷୌ ଆପଣା ଜ୍ୟେଷ୍ଠାଧିକାର ବିକ୍ରୟ କରି ଭୂଲ କରିଥିଲେ । (ଆଦି ୨୫:୩୩) । ଫାରୋ ଓ ତାହାଙ୍କ ସୈନ୍ୟ ବିନା ଆହ୍ୱାନରେ ସୂଫ ସାଗରରେ ପ୍ରବେଶ କରିଥିବା ଭୂଲ ଯୋଗୁଁ ବିନଷ୍ଟ ହେଲେ ।

ମୋଶାଙ୍କ କୃତ ଭୂଲ ଯୋଗୁଁ ସେ ପ୍ରତିଜ୍ଞାତ ଦେଶରେ ପ୍ରବେଶ କରି ପାରିଲେ ନାହିଁ । ସଦାପ୍ରଭୁ ପରମେଶ୍ୱର ମୋଶାଙ୍କୁ ପ୍ରସ୍ତରକୁ ଆଜ୍ଞା ଦେବାକୁ କହିଥିଲେ, କିନ୍ତୁ ସେ ପ୍ରସ୍ତରକୁ ଆଘାତ କରି ପରମେଶ୍ୱରଙ୍କ କ୍ରୋଧର ପାତ୍ର ହେଲେ । ମୋଶାଙ୍କ ଭୂଲର ପରିଣାମ ମୁଁ ପ୍ରଚାର କଲା ବେଳେ, ଯେଉଁ ପ୍ରଚାରକମାନେ ବାପ୍ତିସ୍ମ ବିଷୟରେ ଈଶ୍ୱରଙ୍କ ଆଜ୍ଞା ପାଳନ କରନ୍ତି ନାହିଁ, ସେମାନଙ୍କ ନିମନ୍ତେ ଚିନ୍ତିତ ହୁଏ । ପରମେଶ୍ୱ ର ଜଳରେ ସମାଧିରୂପ ବାପ୍ତିସ୍ମ ଆଜ୍ଞା ଦେଇଥିବା ସତ୍ତ୍ୱେ ଅନେକ ପ୍ରଚାରକ ଛିଞ୍ଚା ବାପ୍ତିସ୍ମ ଦେଉଅଛନ୍ତି । ମୁଁ ଏହିପରି ପ୍ରଚାରକ ମାନଙ୍କ ନିମନ୍ତେ ଚିନ୍ତିତ ଅଟେ ।

ଅମାଲୋକୀୟମାନଙ୍କୁ ସମ୍ପୂର୍ଣ୍ଣରୂପେ ବିନାଶ କରିବାକୁ ପରମେଶ୍ୱର ରାଜା ଶାଉଲଙ୍କୁ ଆଜ୍ଞା ଦେଇଥିଲେ । କିନ୍ତୁ ରାଜା ଶାଉଲ ଅମୋଲକୀୟ ରାଜା ଅଗଙ୍କୁ ଜୀବିତ ରଖି ଘୋର ଭୁଲ କରିଥିଲେ । ଶାଉଲଙ୍କ ସେହି ଭୁଲ ଯୋଗୁଁ ଇଶ୍ରାଏଲ ରାଜ୍ୟ ତାହାଙ୍କ ହସ୍ତରୁ ବିଚ୍ଛିନ୍ନ ହୋଇଥିଲା । (୧ମ ଶାମୂଏଲ ୧୫:୨୨,୨୩)

ପରମେଶ୍ୱରଙ୍କ ସିନ୍ଦୁକ ସ୍ପର୍ଶ କରିବାର ଭୁଲ ଯୋଗୁଁ ଉଷିୟ ପରମେଶ୍ୱର ତତ୍‌କ୍ଷଣାତ୍ ଆଘାତ କରିଥିଲେ ଓ ସେ ସିନ୍ଦୁକ ନିକଟରେ ହିଁ ମୃତ୍ୟୁବରଣ କଲେ । (୨ ଶାମୂଏଲ ୬:୭)

ରିହବିୟାମ, ତାହାଙ୍କ ପିତା ଶଲୋମନଙ୍କ ସମୟର ପ୍ରାଚୀନମାନଙ୍କ ମନ୍ତ୍ରଣା ଉପେକ୍ଷା କରି ଭୁଲ କରିଥିଲେ । (୧ମ ରାଜା ୧୨:୮) ବୈଥ-ଶେମୀୟ ଲୋକମାନେ ସଦାପ୍ରଭୁଙ୍କ ସିନ୍ଦୁକକୁ ଅନାଇବାରୁ ସେ ସେଦିନ ପଚାଶ ହଜାର ଓ ସତୁରି ଜଣକୁ ସଦାପ୍ରଭୁ ବଧ କରିଥିଲେ । ବୈଥ-ଶେମୀୟମାନଙ୍କ ଭୁଲକୁ ପ୍ରଭୁ କ୍ଷମା କରିନଥିଲେ ।

ପ୍ରେରିତ ପାଉଲଙ୍କ ଚେତନା ଅଗ୍ରାହ୍ୟ କରି ରାଜା ଅଗ୍ରିପପା ଭୁଲ କରିଥିଲେ । ସେ ପାଉଲଙ୍କୁ କହିଲେ,"ଅଳ୍ପ କଥାରେ ତ ତୁମ୍ଭେ ଆମ୍ଭକୁ ଖ୍ରୀଷ୍ଟିୟାନ କରିପାର ବୋଲି ମନେ କରୁଅଛ ?" (ପ୍ରେରିତ ୨୬:୨୮) ପାଉଲଙ୍କ ଚେତନାରେ ସେ ଭ୍ରୂକ୍ଷେପ ନ କରି ଅନନ୍ତ ଜୀବନ ହରାଇଥିଲେ । ପରମେଶ୍ୱରଙ୍କ ବାକ୍ୟ ମାନ୍ୟ ନ କରିବାରେ ମନୁଷ୍ୟମାନେ ଶୋଚନୀୟ ପ୍ରତିଫଳ ଭୋଗିଥିଲେ । ଏହି ଅଧ୍ୟାୟ ଅଧ୍ୟୟନ କରି ଆପଣା ଭୁଲ ସୁଧାରି ପରମେଶ୍ୱରଙ୍କ ଦ୍ୱାରା ସୁସଜ୍ଜିତ ପାରଦୀଶରେ ଅନନ୍ତକାଳ ବାସ କରିବେ ବୋଲି ମୁଁ ଆଶା କରେ ।

*- John Hassris*

❋❋❋

**Edited & Published by : Kabita & Joshua Gootam**

# CHRIST IN YOU

***Galatians 2 : 20 ; Ephesians 3 : 17 ;***
***Colossians 1 : 27 ; Colossians 3 : 16***

*INTRODUCTION :*

1. We understand, according to the teaching of the Bible, that we must be in Christ to be saved.
2. We further understand that to get into Christ we must be baptized into Him. (Galatians 3 : 26, 27 ; Romans 6 : 3, 4).
3. But to be baptized into Christ is to be a new creature. (2 Corinthians 5 : 17).
4. However, in this lesson we want to talk about Christ being in us.

*DISCUSSION :*

**I. The majority are not in Christ and Christ is not in them.**

1. They think they have been saved.
2. They are told that they have been saved.
3. But they cannot prove by the Bible that they are in Christ and they do not demonstrate by their life that Christ is in them.

**II. The conditions of Christ being in us.**

1. Christ will no enter us as long as we are willing for Satan to live in us.
2. He will not dwell in us as long as we are in error and we refuse to obey him.
3. He will not live in us as long as we are engaging in the works of the flesh.
4. If Christ is to dwell in us then there is to be no room for the world and its pleasures.
5. If Christ is to dwell in us then envy, jealously, hatred, etc., must take their leave.
6. We must enter Christ in order for Christ to enter us.
7. He will dwell in us as long as we are faithful to him. (1 John 1 : 7).

**III. How Christ lives in us.**

1. It is not a miraculous thing.
2. Christ dwells in us by faith.
3. He dwells in us as we receive his word.
4. He dwells in us as we subject ourselves to him and are infulenced by his principles and teachings.
5. He dwells in us only as we obey him.

**IV. The proofs that Christ is in us.**

1. It should make a difference for Christ to be in us.
2. If Christ be in us then he is there to control and guide us.

3. If Christ is in us then we will live the good life.
4. If Christ is in us then we will bear good fruit.
5. If Christ is in us then we will be faithful to him.
6. However, just because Christ may be in us that will not kee[p] us from certain things :
    a. Temptation.
    b. Sickness.
    c. Death.

**V. The greatness of Christ being in us.**

1. What an honour to have Christ to live in us.
2. He has promised to be with us. (Matthew 28 : 20)
3. He will never leave us or forsake us as long as we welcome him and desire to keep him.

***CONCLUSION :***

1. Is Christ living within you?
2. Is he welcome?
3. Christ desires to enter the door of your heart now if you wil[l] but open the door. (Revelation 3 : 20).

***- J.C. Choate***

**Printed Book Only**

From:

SATYA VANI
**P.O. Box 80,**
**Kakinada - 533 001**

**To**

**(FOR PRIVATE CIRCULATION ONLY)**